ଦିଲ୍ଲୀ ପରିବହନ ନିଗମ

ବନାମ

ଶ୍ୟାମ୍ ଲାଲ୍

ଅଗଷ୍ଟ, 12,2004

[ଏସ୍ . ଏନ୍ ଭାରିୟାଭା  ଏବଂ ଅରିଜିତ ପଶାୟତ ନ୍ୟାୟମୂର୍ତ୍ତିଦ୍ଵୟ]

*ଶିଳ୍ପ ବିବାଦ ଅଧିନିୟମ, 1947-ଧାରା 33 (1) (b) - ସେବାରୁ ଅପସାରଣ  ନିମିତ୍ତ ଆଦେଶର ଅନୁମୋଦନ– ଏହାର ମଞ୍ଜୁରି – ମନ୍ଦ ଆଚରଣ କରିଥିବା ଶ୍ରମିକ- ସେବାରୁ ଅପସାରଣ - ଦାବି କରାଯାଇଥିବା ଅପସାରଣ ଆଦେଶର ଅନୁମୋଦନକୁ ନ୍ୟାୟାଧିକରଣ  ପ୍ରତ୍ୟାଖ୍ୟାନ କରିଥିଲେ, କିନ୍ତୁ ଉଚ୍ଚ ନ୍ୟାୟାଳୟ ଏହାକୁ ମଞ୍ଜୁରି  ଦେଲେ - ଦୁଇଜଣିଆ ଖଣ୍ଡପୀଠ, ନ୍ୟାୟାଧିକରଣଙ୍କ ଆଦେଶକୁ ସମର୍ଥନ କଲେ - ଆବେଦନ ଉପରେ ଏହା ରାୟ ଦିଆଗଲା ଯେ : ଯେଉଁ ପ୍ରମାଣକୁ ଅନୁଧ୍ୟାନ କରାଗଲା ତାହା ଶୁଣାସାକ୍ଷ୍ୟ ପ୍ରକୃତିର ନଥିଲା ଏବଂ ଏଠାରେ ଶ୍ରମିକଙ୍କ ଦ୍ୱାରା ଦୋଷ ସ୍ୱୀକାର ରହିଛି ଯାହାକି ସର୍ବୋତ୍ତମ ପ୍ରମାଣ - ଦୁଇଜଣିଆ ଖଣ୍ଡପୀଠ ମଧ୍ୟ ମାମଲାଗୁଡିକ ଉପରେ ସମ୍ପୂର୍ଣ୍ଣ ଏକ ଭିନ୍ନ ସ୍ଥିତିରେ ଏହାର ସିଦ୍ଧାନ୍ତ ରଖିଲେ - ତେଣୁ ଦୁଇଜଣିଆ ଖଣ୍ଡପୀଠଙ୍କର ଆଦେଶକୁ ରଦ୍ଦ କରିଦିଆଗଲା ଏବଂ ପ୍ରସଙ୍ଗଟିକୁ ପଠାଇ ଦିଆଗଲା।*

ଉତ୍ତରଦାତା-ଶ୍ରମିକ ଜଣେ ବସ ଯାତ୍ରୀ ପରିଚାଳକ  ଭାବେ କାମ କରୁଥିଲେ । ଏଥି ସହିତ ଜଡ଼ିତ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ଯାଞ୍ଚ ସମୟରେ ଏହା ଦେଖିବାକୁ ମିଳିଲା ଯେ ଉତ୍ତରଦାତା ଟଙ୍କା ସଂଗ୍ରହ କରିଥିଲେ କିନ୍ତୁ ଟିକେଟ୍ ପ୍ରଦାନ କରିନଥିଲେ । ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା ଏବଂ ସେ ଦୋଷୀ ପାଇବା ପରେ ତାଙ୍କ ବିରୋଧରେ ଅଭିଯୋଗ ପତ୍ର ଜାରି କରାଯାଇଥିଲା । ଏହା ପରେ ଉତ୍ତରଦାତା  ତାଙ୍କ ଦୋଷ ସ୍ୱୀକାର କରିଥିଲେ ଏବଂ ସେହି ଆଧାରରେ ତାଙ୍କୁ ଚାକିରିରୁ ଅପସାରଣ କରିଦିଆଗଲା । ଆବେଦନକାରୀ-ନିଗମ ଅପସାରଣ ଆଦେଶକୁ  ଅନୁମୋଦନ ପାଇଁ ନ୍ୟାୟାଧିକରଣଙ୍କ ନିକଟକୁ ଉକ୍ତ ମାମଲାକୁ ବିଚାରାର୍ଥେ ପ୍ରେରଣ କରିଥିଲେ । ନ୍ୟାୟାଧିକରଣ  ଏହି ମତ ରଖି ଅନୁମୋଦନ ପ୍ରଦାନ କରିନଥିଲେ ଯେ ଉକ୍ତ ଦୋଷକୁ ସ୍ୱୀକାର କରିବାରେ ପ୍ରକୃତରେ କୌଣସି ପରିଣାମ ନାହିଁ;  ଯେ ତଦନ୍ତ କରିଥିବା ଅଧିକାରୀଙ୍କ ପାଖରେ କୌଣସି ପ୍ରତ୍ୟକ୍ଷ ପ୍ରମାଣ ନାହିଁ; ଏବଂ ଯାଞ୍ଚ କରୁଥିବା ଅଧିକାରୀଙ୍କ ସମ୍ମୁଖରେ ପ୍ରଶ୍ନରେ ଥିବା ରାଶି ପ୍ରଦାନ କରିଥିବା ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିବା ବିବୃତି ଶୁଣା ସାକ୍ଷ୍ୟ ପ୍ରକୃତିର ଥିଲା ।

**ଆବେଦନକାରୀ-ନିଯୁକ୍ତିଦାତା ଏହି ଆଦେଶକୁ ଆପତ୍ତି କରିଥିଲେ । ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଇଥିଲେ ଏବଂ ପ୍ରତିବାଦୀ-ଶ୍ରମିକଙ୍କୁ ବରଖାସ୍ତ କରିବା ପାଇଁ ଅନୁମୋଦନ ପ୍ରଦାନ କରିଥିଲେ । ଅସନ୍ତୁଷ୍ଟ ଉତ୍ତରଦାତା ତା ପରେ ଅଧିକାର ପତ୍ର ଆବେଦନ ଦାଖଲ କଲେ ଏବଂ ନ୍ୟାୟାଧିକରଣଙ୍କ ଆଦେଶକୁ କାଏମ ରଖାଗଲା ଏବଂ ଏକକ ବିଚାରପତିଙ୍କ ଆଦେଶକୁ ବାତିଲ କରି କରିଦିଗଲା । ତେଣୁ ବର୍ତ୍ତମାନର ଏହି ଆବେଦନ ।**

**ଆବେଦନକାରୀ-ନିଯୁକ୍ତିଦାତା ଯୁକ୍ତି ବାଢ଼ିଥିଲେ ଯେ ଉଚ୍ଚ ନ୍ୟାୟାଳୟ ପ୍ରାସଙ୍ଗିକ ମାମଲାକୁ ଅନ୍ୟ ମାମଲାଗୁଡ଼ିକ ସହିତ ବିଚାର କରିବାରେ ତ୍ରୁଟି କରିଛନ୍ତି ଯାହା ଅନଧିକୃତ ଅନୁପସ୍ଥିତି ଏବଂ ଏହାର ପରିଣାମ ସହିତ ଜଡିତ ।**

**ଉତ୍ତରଦାତା-ଶ୍ରମିକ ଯୁକ୍ତି କରିଥିଲେ ଯେ ନ୍ୟାୟାଧିକରଣ ଏହାର ଉପଯୁକ୍ତ ଦୃଷ୍ଟିକୋଣରୁ ବାସ୍ତବ ଏବଂ ଆଇନଗତ ସ୍ଥିତିକୁ ବିଶ୍ଳେଷଣ କରିଛନ୍ତି ଏବଂ ଅନୁମୋଦନ ପ୍ରଦାନ କରିବାରେ ଏହାର ପ୍ରତ୍ୟାଖ୍ୟାନକୁ ମନମୁଖୀ ବୋଲି କୁହାଯାଇପାରିବ ନାହିଁ ।**

**ଆଂଶିକ ଭାବରେ ଆବେଦନକୁ ଅନୁମତି ଦେଇ ନ୍ୟାୟାଳୟ**

ରାୟ ଦେଲେ ଯେ : ପ୍ରଥମ ଦୃଷ୍ଟିଗତରେ ନ୍ୟାୟାଧିକରଣଙ୍କ ସିଦ୍ଧାନ୍ତ ଠିକ ନୁହେଁ । ଯାତ୍ରୀ, ଯିଏକି ଏଠାରେ ଅଧିକ ଟଙ୍କା ଦେଇଥିଲେ, ଯାଞ୍ଚ କରୁଥିବା ଅଧିକାରୀଙ୍କୁ ତାଙ୍କ ଦ୍ୱାରା ଦିଆଯାଇଥିବା ବିବୃତି ଶୁଣା ସାକ୍ଷ୍ୟ ପ୍ରକୃତିର ନ ଥିଲା । ଉତ୍ତରଦାତାଙ୍କ ଦ୍ୱାରା ଅପରାଧ ସ୍ୱୀକାରର ପ୍ରଭାବକୁ ମଧ୍ୟ ଉପଯୁକ୍ତ ଦୃଷ୍ଟିକୋଣରୁ ବିଚାର କରାଯାଇନାହିଁ । ଆଇନରେ ଏହା ଏକ ନ୍ୟାୟସଙ୍ଗତ ସ୍ଥିରୀକୃତ ସ୍ଥିତି ଯେ ଉକ୍ତ ଦୋଷ ସ୍ୱୀକାର ହେଉଛି ଦୋଷ ସ୍ୱୀକାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ସର୍ବୋତ୍ତମ ପ୍ରମାଣ ।ତେବେ, ଏହା ଦୋଷ ସ୍ୱୀକାର କରୁଥିବା ବ୍ୟକ୍ତି ଉପରେ ନିର୍ଭର କରେ କି କାହିଁକି ଉକ୍ତ ଦୋଷ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ । ଅଧିକନ୍ତୁ, ଦୁଇଜଣିଆ ଖଣ୍ଡପୀଠ, ଶ୍ରମିକଙ୍କ ଦ୍ୱାରା ଦାଖଲ ହୋଇଥିବା ଅଧିକାର ଆବେଦନ ଉପରେ ବିଚାର କରୁଥିବାବେଳେ ଅନ୍ୟ ମାମଲାଗୁଡ଼ିକ ଉପରେ ଏହାର ସିଦ୍ଧାନ୍ତକୁ ଆଧାର କରିଥିଲେ ଯେଉଁଠାରେ ବାସ୍ତବ ପୃଷ୍ଠଭୂମି ପ୍ରାସଙ୍ଗିକ ମାମଲାରେ ଜଡିତ ଥିବା ଲୋକଙ୍କ ସହିତ ସମାନ ନଥିଲା । ତେଣୁ, ଉଚ୍ଚ ନ୍ୟାୟାଳୟଙ୍କର ଦୁଇଜଣିଆ ଖଣ୍ଡପୀଠଙ୍କର ଆଦେଶ ବାତିଲ କରିଦିଆଯାଏ ଏବଂ ଆଇନ ଅନୁଯାୟୀ ଏହାର ନିଜସ୍ୱ ଗୁଣବତ୍ତା ଆଧାରରେ ମାମଲାର ବିଚାର ପାଇଁ ମାମଲାଟିକୁ ପଠାଇ ଦିଆଯାଏ ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 9610/2003 ।

ଏଲ୍. ପି. ଏ. ସଂଖ୍ୟା 298/2002 ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 25.9.2002 ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ।

ଆବେଦନକାରୀଙ୍କ ପାଇଁ ଟି. ଏଲ. ଭି. ଆୟାର ଏବଂ ସୁଶ୍ରୀ ଏ. ସୁଭାଶିନୀ।

ଉତ୍ତରଦାତାଙ୍କ ପାଇଁ ଏଚ. କେ. ଚତୁର୍ବେଦୀ ଏବଂ ରିଷି କେଶ୍।

**ନ୍ୟାୟମୂର୍ତ୍ତି ଅରିଜିତ ପଶାୟତଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

ଦିଲ୍ଲୀ ପରିବହନ ନିଗମ (ଯାହାକି ଏହା ପରେ 'ନିଯୁକ୍ତିଦାତା' ଭାବରେ ସୂଚିତ ହୋଇଛନ୍ତି ), ଉତ୍ତରଦାତାଙ୍କ (ଯିଏକି ଏହା ପରେ 'ଶ୍ରମିକ' ଭାବରେ ସୂଚିତ ହୋଇଛନ୍ତି) ଦ୍ୱାରା ଦାଖଲ ହୋଇଥିବା ଅଧିକାର ପତ୍ର ଆବେଦନ ସଂଖ୍ୟା 298/2002 ରେ ଦିଲ୍ଲୀ ନ୍ୟାୟାଳୟଙ୍କର ଏକ ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ଦିଆଯାଇଥିବା ରାୟର ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି।

ସଂକ୍ଷେପରେ ପୃଷ୍ଠଭୂମି ତଥ୍ୟ ନିମ୍ନରେ ଦିଆଗଲା :

ଉତ୍ତରଦାତା-ଶ୍ରମିକ ଯାତ୍ରୀ ପରିଚାଳକ ଭାବେ କାର୍ଯ୍ୟ କରୁଥିବା ସମୟରେ ମନ୍ଦ ଆଚରଣ କରିଥିଲେ । ସେ ଟଙ୍କା ସଂଗ୍ରହ କରିଥିଲେ କିନ୍ତୁ ଟିକେଟ୍ ପ୍ରଦାନ କରିନଥିଲେ ଯାହା ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ଯାଞ୍ଚ ସମୟରେ ଦେଖିବାକୁ ମିଳିଥିଲା । ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା ଏବଂ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଏହି ସମ୍ବନ୍ଧରେ ଶ୍ରମିକଙ୍କୁ 22.12.1988 ରେ ଏକ ଅଭିଯୋଗ ପତ୍ର ଜାରି କରାଯାଇଥିଲା ଏବଂ ସେ 30.12.1988 ରେ ନିଜର ଉତ୍ତର ଦାଖଲ କରିଥିଲେ । ପରବର୍ତ୍ତୀ ସମୟରେ 13.1.1989 ଏବଂ 24.2.1989 ରେ, ଶ୍ରମିକ ତାଙ୍କ ଦୋଷ ସ୍ୱୀକାର କରିଥିଲେ ଏବଂ କୋହଳତା ପାଇଁ ନିବେଦନ କରିଥିଲେ । ତାଙ୍କ ସ୍ୱୀକାରୋକ୍ତି ଆଧାରରେ, ତାଙ୍କୁ ବିଭାଗୀୟ ପ୍ରକ୍ରିୟାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ଚାକିରିରୁ ଅପସାରଣ କରାଯାଇଥିଲା।

ଅପସାରଣ ଆଦେଶର ଅନୁମୋଦନ ପାଇଁ ଶିଳ୍ପ ବିବାଦ ଅଧିନିୟମ, 1947 (ସଂକ୍ଷେପରେ 'ଅଧିନିୟମ') ର ଧାରା 32 (2) (f) ଅନୁଯାୟୀ ଶିଳ୍ପ ନ୍ୟାୟାଧିକରଣଙ୍କ ନିକଟକୁ ଏହାକୁ ବିଚାରାର୍ଥେ ପ୍ରେରଣ କରଗଲା । ନ୍ୟାୟାଧିକରଣ ଏହି ମତ ରଖି ଅନୁମୋଦନ ପ୍ରଦାନ କରିନଥିଲେ ଯେ ଉକ୍ତ ଦୋଷକୁ ସ୍ୱୀକାର କରିବାରେ ପ୍ରକୃତରେ କୌଣସି ପରିଣାମ ନାହିଁ; ଯେ ତଦନ୍ତ କରିଥିବା ଅଧିକାରୀଙ୍କ ପାଖରେ କୌଣସି ପ୍ରତ୍ୟକ୍ଷ ପ୍ରମାଣ ନାହିଁ; ଏବଂ ଯାଞ୍ଚ କରୁଥିବା ଅଧିକାରୀଙ୍କ

ସମ୍ମୁଖରେ ପ୍ରଶ୍ନରେ ଥିବା ରାଶି ପ୍ରଦାନ କରିଥିବା ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିବା ବିବୃତି ଶୁଣା ସାକ୍ଷ୍ୟ ପ୍ରକୃତିର ଥିଲା , ତେଣୁ ଏହାର କୌଣସି ପରିଣାମ ନଥିଲା । ତଦନୁସାରେ, ଦାବି କରାଯାଇଥିବା ଅନୁମୋଦନକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ନିଯୁକ୍ତିଦାତା ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ନ୍ୟାୟାଧିକରଣଙ୍କର ଆଦେଶକୁ ଆପତ୍ତି କରିଥିଲେ ଏବଂ ସିଡବ୍ଲ୍ୟୁପି ସଂଖ୍ୟା 6934/2000 ଏବଂ ସମ୍ପୃକ୍ତ ସି. ଏମ୍ ଗୁଡିକରେ ତାରିଖ 21.12.2001 ର ରାୟ ଦ୍ୱାରା ଜଣେ ବିଦ୍ୱାନ ଏକକ ବିଚାରପତି ରାୟ ଦେଲେ ଯେ ନ୍ୟାୟାଧିକରଣଙ୍କର ମତ ପ୍ରତିରକ୍ଷା ସାପେକ୍ଷ ନୁହେଁ । ତଦନୁସାରେ, ଆଜ୍ଞାଦେଶ ଆବେଦନକୁ ଅନୁମତି ଦିଆଯାଇଥିଲା ଏବଂ ଏହା ନିର୍ଦ୍ଦେଶ ଦିଆଯାଇଥିଲା ଯେ ଅଧିନିୟମ ର ଧାରା 33 (2) (b) ଅନୁଯାୟୀ ଉତ୍ତରଦାତା-ଶ୍ରମିକଙ୍କୁ ବରଖାସ୍ତ କରିବା ପାଇଁ ନିଯୁକ୍ତିଦାତାଙ୍କୁ ଅନୁମୋଦନ ପ୍ରଦାନ କରାଯିବ ।

ଶ୍ରମିକ ଜଣକ ଅଧିକାର ପତ୍ର ଆବେଦନ ଦାଖଲ କରି ବିଦ୍ୱାନ ଏକକ ବିଚାରପତିଙ୍କ ରାୟକୁ ଆପତ୍ତି କରିଥିଲେ । ଯେଉଁ ଆକ୍ଷେପିତ ରାୟ ଦ୍ୱାରା ଅନେକ ଏଲ୍ . ପି . ଏ ଏବଂ ଆଜ୍ଞାଦେଶ ଆବେଦନଗୁଡିକର ସମାଧାନ କରାଯାଇଥିଲା, ତାହା ଦ୍ୱାରା ନ୍ୟାୟାଧିକରଣଙ୍କର ମତକୁ ପୁନଃପ୍ରତିଷ୍ଠା କରାଗଲା ଏବଂ ବିଦ୍ୱାନ ଏକକ ବିଚାରପତିଙ୍କ ମତକୁ ବାତିଲ କରିଦିଆଗଲା ।

ନିଯୁକ୍ତିଦାତାଙ୍କ ପାଇଁ ବିଦ୍ୱାନ ପରାମର୍ଶଦାତା ଦାଖଲ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟ ବର୍ତ୍ତମାନର ମାମଲାକୁ ଅନ୍ୟ ମାମଲା ଯାହା ଭିନ୍ନ ସ୍ତରରେ ରହିଛି ତାହା ସହିତ ବିଚାର କରି ଗୁରୁତର ତ୍ରୁଟି କରିଛନ୍ତି । ସେମାନେ ଅନଧିକୃତ ଅନୁପସ୍ଥିତି ଏବଂ ଏହାର ପରିଣାମ ସହିତ ଜଡିତ ଥିଲେ । ବର୍ତ୍ତମାନର ମାମଲା ସମ୍ପୂର୍ଣ୍ଣ ରୂପେ ଏକ ଭିନ୍ନ ତଥ୍ୟଗତ ପୃଷ୍ଠଭୂମିରେ ଆଧାରିତ , ସେଥପାଇଁ ଉଚ୍ଚ ନ୍ୟାୟାଳୟଙ୍କର ଆଦେଶ ଏଠାରେ ସଠିକ ନୁହେଁ ।

ଏହାର ବିପରୀତରେ ଉତ୍ତରଦାତା-ଶ୍ରମିକଙ୍କ ବିଦ୍ୱାନ ପରାମର୍ଶଦାତା ଦାଖଲ କରିଥିଲେ ଯେ ନ୍ୟାୟାଧିକରଣ ଏହାର ଉପଯୁକ୍ତ ଦୃଷ୍ଟିକୋଣରେ ବାସ୍ତବ ଏବଂ ଆଇନଗତ ସ୍ଥିତିକୁ ବିଶ୍ଳେଷଣ କରିଛନ୍ତି ଏବଂ ଅନୁମୋଦନ ପ୍ରଦାନ କରିବାର ଏହାର ପ୍ରତ୍ୟାଖ୍ୟାନକୁ ଏଠାରେ ମନମୁଖୀ ବୋଲି କୁହାଯାଇପାରିବ ନାହିଁ ।

ଆମେ ଲକ୍ଷ କରୁଛୁ ଯେ ନ୍ୟାୟାଧିକରଣଙ୍କର ସିଦ୍ଧାନ୍ତ ପ୍ରଥମ ଦୃଷ୍ଟିଗତ ଭାବେ ସଠିକ୍ ନୁହେଁ । ଯାଞ୍ଚ ଅଧିକାରୀଙ୍କୁ ଅତିରିକ୍ତ ଟଙ୍କା ଦେଇଥିବା ଯାତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ବିବୃତି ଶୁଣା ସାକ୍ଷ୍ୟ ପ୍ରକୃତିର ନୁହେଁ । ଏହାବ୍ୟତୀତ, ତାରିଖ 13.1.1989 ଏବଂ ତାରିଖ 24.2.1989 ତାରିଖ ବିଶିଷ୍ଟ

ଚିଠିରେ ଥିବା ଦୋଷ ସ୍ୱୀକାରର ପ୍ରଭାବକୁ ଉପଯୁକ୍ତ ବିଚାର କରାଯାଇନାହିଁ । ଆଇନରେ ଏହା ଏକ ନ୍ୟାୟସଙ୍ଗତ ସ୍ଥିରୀକୃତ ସ୍ଥିତି ଯେ ଉକ୍ତ ଦୋଷ ସ୍ୱୀକାର ହେଉଛି ଦୋଷ ସ୍ୱୀକାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ସର୍ବୋତ୍ତମ ପ୍ରମାଣ । ତେବେ, ଏହା ଦୋଷ ସ୍ୱୀକାର କରୁଥିବା ବ୍ୟକ୍ତି ଉପରେ ନିର୍ଭର କରେ କି କାହିଁକି ଉକ୍ତ ଦୋଷ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ।

ସେ ଯାହା ହେଉନା କାହିଁକି, ଆମେ ଦେଖୁଛୁ ଯେ ଶ୍ରମିକଙ୍କ ଦ୍ୱାରା ଦାଖଲ ହୋଇଥିବା ଅଧିକାର ପତ୍ର ଆବେଦନ ଉପରେ ବିଚାର କରିବା ସମୟରେ ଦୁଇଜଣିଆ ଖଣ୍ଡପୀଠ ଅନ୍ୟ ମାମଲା ଉପରେ ଏହାର ସିଦ୍ଧାନ୍ତକୁ ଆଧାର କରିଥିଲେ ଯାହା ଅନଧିକୃତ ଅନୁପସ୍ଥିତି ସହିତ ଜଡିତ ଏବଂ ଯେଉଁଠାରେ ବାସ୍ତବ ପୃଷ୍ଠଭୂମି ବର୍ତ୍ତମାନର ମାମଲାରେ ଜଡିତ ଥିବା ମାମଲା ସହିତ ସମାନ ନଥିଲା । କେବଳ ସେହି ସଂକ୍ଷିପ୍ତ ପ୍ରଶ୍ନ ଉପରେ, ଦୁଇଜଣିଆ ଖଣ୍ଡପୀଠଙ୍କର ଆଦେଶ ରଦ୍ଦ କରିବାକୁ ହେବ । ଆମେ ଉଚ୍ଚ ନ୍ୟାୟାଳୟ ର ଆକ୍ଷେପିତ ରାୟକୁ ରଦ୍ଦ କରୁଛୁ ଏବଂ ଆଇନ ଅନୁଯାୟୀ ଏହାର ଗୁଣବତ୍ତା ଉପରେ ବିଚାର କରିବା ପାଇଁ ମାମଲାକୁ ପଠାଇ ଦେଉଛୁ । ଆମେ ଏହା ସ୍ପଷ୍ଟ କରୁଛୁ ଯେ ମାମଲାର ଗୁଣବତ୍ତା ଉପରେ ଆମେ କୌଣସି ମତ ପ୍ରକାଶ କରିନାହୁଁ । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଉପରୋକ୍ତ ସୀମା ପର୍ଯ୍ୟନ୍ତ ଆବେଦନକୁ ଅନୁମତି ଦିଆଯାଇଛି ।

ଏନ. ଜେ. ଆବେଦନକୁ ଆଂଶିକ ଭାବେ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।